# NATIONAL NEWS BULLETIN (ODIA)

**22 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଜାତିସଂଘ ସୁରକ୍ଷା ପରିଷଦର ପୁନର୍ଗଠନ ଉଦ୍ଦେଶ୍ୟରେ ସମୂହ ମଡେଲ ଉପସ୍ଥାପନ କଲେ ଭାରତ ସମେତ ଜି-୪ର ସଦସ୍ୟ ଦେଶ
- ବିଶ୍ୱ ଆର୍ଥିକ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଘନିଷ୍ଠ ବନ୍ଧୁ ଭାବେ ବର୍ଣ୍ଣନା କଲେ ଆମେରିକା ରାଷ୍ଟ୍ରପତି

—ଖୁବ୍‌ଶୀଘ୍ର ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ନେଇ ଶ୍ରୀ ଟ୍ରମ୍ପଙ୍କ ଦୃଢ଼ୋକ୍ତି

- ଡିଜିଟାଲ ଭିତ୍ତିଭୂମି ଓ ବିକାଶ ସ୍ତର ଭାରତକୁ କରିଛି ପ୍ରମୁଖ ବିଶ୍ୱ ଅର୍ଥନୈତିକ ଶକ୍ତି, ଡାଭୋସ୍ ଠାରେ କହିଲେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ
- ବାଂଲାଦେଶର ତ୍ରୟୋଦଶ ଜାତୀୟ ସଂସଦ ନିର୍ବାଚନ ନିମନ୍ତେ ପ୍ରଚାର ଅଭିଯାନ ଆଜିଠାରୁ ଆରମ୍ଭ

ଏବଂ

- ଇଣ୍ଡୋନେସିଆ ମାଷ୍ଟର୍ସ ୨୦୨୬ ବ୍ୟାଡମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଲେ ପି.ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ

---

## ଜି୪- ୟୁଏନ୍‌ଏସ୍‌ସି ରିଫର୍ମସ

ଜାତିସଂଘ ସୁରକ୍ଷା ପରିଷଦର ପୁନର୍ଗଠନ ପାଇଁ ତ୍ୱରିତ ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଜି-୪ ଦେଶ ସମୂହ ମଡେଲ ଉପସ୍ଥାପନ କରିଛନ୍ତି । ଜି-୪

ଦେଶ ପକ୍ଷରୁ ସତର୍କ କରାଇ ଦିଆଯାଇଛି, ଯଦି ଜାତିସଂଘର ନିଷ୍ପତ୍ତି ଗ୍ରହଣକାରୀ ସର୍ବୋଚ୍ଚ ଅନୁଷ୍ଠାନର ଶୀଘ୍ର ପୁନର୍ଗଠନ କରାନଯାଏ, ତେବେ ସମାଜରେ ଦୁର୍ଦ୍ଦଶା ଓ ଯନ୍ତ୍ରଣା ବୃଦ୍ଧି ପାଇବ । ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି.ହରିଶ୍ ଜି-୪ ଦେଶ ସମୂହ ପକ୍ଷରୁ ସୁରକ୍ଷା ପରିଷଦର ଆନ୍ତଃ ସରକାରୀ ବୁଝାମଣା ସଂପର୍କିତ ନିଉୟର୍କର ଜାତିସଂଘ ମୁଖ୍ୟାଳୟରେ ଏହା କହିଛନ୍ତି । ଜି-୪ ଦେଶ ସମୂହରେ ଭାରତ, ବ୍ରାଜିଲ, ଜର୍ମାନ ଏବଂ ଜାପାନ ରହିଛନ୍ତି । ଏହି ୪ଟି ଦେଶ ସୁରକ୍ଷା ପରିଷଦରେ ସଂସ୍କାର ଦାବି କରି ସେଥିରେ ସ୍ଥାୟୀ ଆସନ ଲାଗି ପରସ୍ପରକୁ ସମର୍ଥନ କରୁଛନ୍ତି । ଶ୍ରୀ ହରିଶ୍ କହିଛନ୍ତି, ବିଶ୍ୱରେ ପ୍ରତିଦିନ ଲୋକମାନଙ୍କ ଜୀବନ ଯାଉଥିବା ବେଳେ ବିଶ୍ୱ ସମୁଦାୟ ଏହା ଉପରେ ବିଚାର କରିବା ଉଚିତ । ସେ କହିଛନ୍ତି, ବିଶ୍ୱରେ ଜାରି ରହିଥିବା ସଂଘର୍ଷର ମୁକାବିଲା ଦିଗରେ ଜାତିସଂଘର ବିଫଳତାକୁ ନେଇ ପ୍ରଶ୍ନ ହେଉଛି । ସୂଚନା ଅନୁଯାୟୀ, ଭୌଗୋଳିକ ସମେତ ବିଭିନ୍ନ ବର୍ଗରେ ଜି-୪ ଦେଶ ସମୂହ ଦୃଢ଼ ସଂସ୍କାର ଆଣିବା ଲାଗି ଉଦ୍ୟମ କରୁଥିବା ଶ୍ରୀ ହରିଶ୍ କହିଛନ୍ତି । ସୁରକ୍ଷା ପରିଷଦରେ ନୂତନ ଭାବେ ୬ଟି ଦେଶକୁ ସ୍ଥାୟୀ ସଦସ୍ୟତା ଦିଆଯିବା ନେଇ ଜି-୪ ରାଷ୍ଟ୍ର ସମୂହ ଦାବି କରିଛନ୍ତି ।

---

## ଟ୍ରମ୍ପ-ପିଏମ୍ ମୋଦି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଡାଭୋସ୍ଠାରେ ବିଶ୍ୱ ଆର୍ଥିକ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିଛନ୍ତି । ଶ୍ରୀ ମୋଦୀଙ୍କୁ ନିଜର ଘନିଷ୍ଠ ବନ୍ଧୁ ଭାବେ ବର୍ଣ୍ଣନା କରି ରାଷ୍ଟ୍ରପତି ଟ୍ରମ୍ପ ଭାରତ ଓ ଆମେରିକା ମଧ୍ୟରେ ଖୁବ୍ଶୀଘ୍ର ବାଣିଜ୍ୟିକ ରାଜିନାମା ସ୍ୱାକ୍ଷରିତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି । ନୂଆଦିଲ୍ଲୀ ଓ ୱାଶିଂଟନ ମଧ୍ୟରେ

ବାଣିଜ୍ୟିକ କାରବାରରେ ଦେଖାଦେଇଥିବା ଅଚଳାବସ୍ଥା ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଏହି ମତାମତ ଗୁରୁତ୍ୱ ବହନକରେ ।

## ଇଣ୍ଡିଆ-ଗ୍ରୋଥ୍ ଡାଭୋସ୍

ଭାରତ ଗତ ଦଶନ୍ଧିରେ ବିକଶିତରୁ ପ୍ରମୁଖ ବିଶ୍ୱ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି । ଡିଜିଟାଲ ଭିତ୍ତିଭୂମି ଓ ବିକାଶ ସ୍ତର ହାସଲ କରିବା ଦିଗରେ ଦେଶକୁ ସଫଳତା ମିଳିଥିବା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମମୋହନ ନାଇଡୁ ଏବଂ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଗଭୀ କହିଛନ୍ତି । ଗତକାଲି ସ୍ୱିଜରଲ୍ୟାଣ୍ଡର ଡାଭୋସ୍‌ରେ ବିଶ୍ୱ ଅର୍ଥନୈତିକ ଫୋରମ୍ ବାର୍ଷିକ ସମ୍ମିଳନୀରେ ଯୋଗଦେବା ଅବସରରେ ଉଭୟ ନେତା ଏହି ମନ୍ତବ୍ୟ ଦେଇଛନ୍ତି ।

ଶ୍ରୀ ନାଇଡୁ କହିଛନ୍ତି, ବିଶ୍ୱ ଅର୍ଥନୈତିକ ବ୍ୟବସ୍ଥାରେ ଭାରତ ପ୍ରମୁଖ ସ୍ତମ୍ଭ ପାଲଟିଛି ଏବଂ ସାରାବିଶ୍ୱକୁ ସ୍ଥିର ଗଣତାନ୍ତ୍ରିକ ପ୍ରତିଷ୍ଠାନର ବିଶ୍ୱସନୀୟତା ଓ ସୃଜନଶୀଳତା ଜରିଆରେ  ବିଭିନ୍ନ କ୍ଷେତ୍ରରେ ସମାଧାନର ସୂତ୍ର ବାହାର କରିଛି । ଶ୍ରୀ ନାଇଡୁ କହିଛନ୍ତି, ଭାରତର ବିକାଶ ଏବେ ଡିଜିଟାଲ ସମର୍ଥିତ, ଭିତ୍ତିଭୂମି ସଂପନ୍ନ ଓ ସମାବେଶୀ ଆଧାରିତ ହୋଇପାରିଛି । ଡିଜିଟାଲ ଭିତ୍ତିଭୂମିର ସୃଷ୍ଟି ଭାରତର ପ୍ରମୁଖ ବିକାଶମୂଳକ ମଡେଲ ଗୁଡ଼ିକର ମୂଳଭିତ୍ତି ପାଲଟିଥିବା ସେ କହିଛନ୍ତି । ଡିଜିଟାଲ୍ ଚିହ୍ନଟିକରଣ, ରିଏଲ୍ ଟାଇମ୍ ଦେୟ ଏବଂ ସମ୍ମତିସୂଚକ ତଥ୍ୟ ଆଦାନପ୍ରଦାନ ଭାରତୀୟ ଅର୍ଥନୀତିକୁ ସ୍ୱତନ୍ତ୍ର କରିପାରିଛି ।

ଗୁଜରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଗଭୀ କହିଛନ୍ତି, ଦଶନ୍ଧି ଦଶନ୍ଧି ଧରି ଭାରତ ବିକାଶଶୀଳ ଅର୍ଥନୀତି ଭାବେ ପରିଗଣିତ ହେଉଥିଲା ବେଳେ ଏବେ କିନ୍ତୁ ତାହା ବାସ୍ତବରେ ପ୍ରତିଫଳିତ ହେଉଛି । ସେ କହିଛନ୍ତି, ଭାରତ ଏବେ ବିଶ୍ୱର ବିକାଶ, ଯୋଗାଣ ଶୃଙ୍ଖଳ, ଅର୍ଥନୈତିକ ସ୍ଥିରତା, ଭବିଷ୍ୟତର ସୃଜନଶୀଳତା ଓ ସମାବେଶୀ ବିକାଶର ମୁଖ୍ୟଧାରାରେ ଅଗ୍ରଗତି କରୁଛି ।

---

## ପ୍ରଗତି-ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତୀ' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀ ସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ହାଇଦ୍ରାବାଦ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପର୍କରେ ।

ଗତ ଦୁଇଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ତେଲଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ବିଭିନ୍ନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟିଛି । ହାଇଦ୍ରାବାଦ ମେଟ୍ରୋ ରେଳପ୍ରକଳ୍ପକୁ ସହରର ଯାତାୟାତର ମେରୁଦଣ୍ଡ ଭାବେ ପରିଗଣିତ କରାଯାଏ । ପ୍ରାୟ ୬୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ

ହାଇଦ୍ରାବାଦ ମେଟ୍ରୋର ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୧୫ ଡିସେମ୍ବର ୩୦ ତାରିଖରେ ସମୀକ୍ଷା କରାଯାଇଥିଲା ।

ଏହି କ୍ଷେତ୍ରରେ ଉଭା ହୋଇଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ସହିତ ନିର୍ଦ୍ଧାରିତ ସମୟରେ  ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ଲାଗି ପ୍ରଧାନମନ୍ତ୍ରୀ ସଂପୃକ୍ତ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ । ଆନ୍ତଃମନ୍ତ୍ରଣାଳୟ ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ସହିତ କାର୍ଯ୍ୟ କରାଯାଇ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇଛି । ଫଳରେ ସହରରେ ଟ୍ରାଫିକ୍ ସମସ୍ୟାର ସମାଧାନ କରାଯିବା ସହିତ ଗମନାଗମନକୁ ସୁଗମ କରାଯାଇଛି ।

## ବାଂଲାଦେଶ ଇଲେକ୍ସନ

ନିର୍ବାଚନୀ ସଂକେତ ଓ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରାଯିବା ସହ ବାଂଲାଦେଶର ତ୍ରୟୋଦଶ ଜାତୀୟ ସଂସଦ ନିର୍ବାଚନ  ପାଇଁ ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି । ଆସନ୍ତା ମାସ ୧୨ ତାରିଖରେ ସେଠାରେ ହେବାକୁ ଥିବା ମତଦାନ ପାଇଁ ପ୍ରଚାର କାର୍ଯ୍ୟ ସରଗରମ ହେଉଛି । ବାଂଲାଦେଶର ନିର୍ବାଚନ ଆୟୋଗ ଗତକାଲି ପ୍ରାର୍ଥୀମାନଙ୍କୁ ନିର୍ବାଚନ ସଂକେତ ପ୍ରଦାନ କରିଛନ୍ତି । ୩୦୦ଆସନ ବିଶିଷ୍ଟ ସଂସଦୀୟ ନିର୍ବାଚନ ପାଇଁ ପ୍ରାୟ ୨୦୦୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ବାଂଲାଦେଶ ନ୍ୟାଶସନାଲିଷ୍ଟ ପାର୍ଟି-ବିଏନ୍‌ପି ସିଲହଟ୍‌ରୁ ଆଜି ତା'ର ନିର୍ବାଚନ ର୍‍ୟାଲି ଆରମ୍ଭ କରିବ । ଦଳର ଅଧ୍ୟକ୍ଷ ତାରିକ୍ ରହମାନ ୭ଟି ଜିଲ୍ଲାରେ ଆଜି ହେବାକୁ ଥିବା ଜନସଭାରେ ଯୋଗଦେବେ । ଜମାତେ ଇସ୍‌ଲାମୀ ଦଳର ଅମିର୍ ସଫିକୁର୍ ରହମାନ  ଢାକା-୧୫ ନିର୍ବାଚନ ମଣ୍ଡଳୀରୁ ଆଜି ତାଙ୍କର

ଦ୍ୱାରା ଅଭିଯାନ ଆରମ୍ଭ କରିବେ । ୩୦୦ ଆସନ ମଧ୍ୟରୁ ଜାତୀୟ ପାର୍ଟି ୧୯୬ଟି ଆସନରେ ପ୍ରତିଦ୍ୱନ୍ଦିତା କରିବ । ରାଜନୈତିକ ଦଳଗୁଡ଼ିକ ତରଫରୁ ଆଜିଠାରୁ ପ୍ରଚାର କାର୍ଯ୍ୟ ଜୋରଦାର କରାଯାଉଥିବା ପରିପ୍ରେକ୍ଷୀରେ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

---

## ଟିଏନ୍- ଗୋୟଲ୍

ତାମିଲନାଡୁର ମଦୁରାନ୍ତକମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆସନ୍ତାକାଲି ଜନସଭା ପରିପ୍ରେକ୍ଷୀରେ ସହଯୋଗୀ ଦଳଗୁଡ଼ିକ ସହିତ ଆଲୋଚନା କରାଯାଉଥିବା  ବରିଷ୍ଠ ବିଜେପି ନେତା ତଥା ମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି ।  ଚେନ୍ନାଇରେ ବିରୋଧୀ ଦଳ ନେତା ତଥା ଏଆଇଏଡିଏମ୍‌କେର ସଚିବ ଏଡାପାଡ଼ି ପାଲାନିସାମୀଙ୍କୁ ସାକ୍ଷାତ ପରେ ଚେନ୍ନାଇରେ ଗଣମାଧ୍ୟମକୁ ଶ୍ରୀ ଗୋୟଲ କହିଛନ୍ତି, ଦୁର୍ନୀତିଗ୍ରସ୍ତ ଓ ଲୋକ ବିରୋଧୀ ଡିଏମ୍‌କେକୁ ବିରୋଧ କରାଯିବା ଉଚିତ ।  ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଆଗାମୀ ଦିନରେ ତାମିଲନାଡୁରେ ଜନକଲ୍ୟାଣମୂଳକ ସରକାର ପ୍ରତିଷ୍ଠା ହେବ ବୋଲି ଶ୍ରୀ ଗୋୟଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

---

## ଜଳଶକ୍ତି

ଜଳ ଜୀବନ ଅଭିଯାନ ଜରିଆରେ ଜଳ ପରିଚାଳନା ଓ ସଂପ୍ରଦାୟ ଭିତ୍ତିକ ଉପଯୋଗିତାକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ସୁଜଳ ଗ୍ରାମ ସମ୍ବାଦର ତୃତୀୟ ସଂସ୍କରଣ ଆୟୋଜିତ ହୋଇଛି । ଆଭାସୀ ବୈଠକରେ ଗ୍ରାମପଞ୍ଚାୟତ ପ୍ରତିନିଧି, ଗ୍ରାମ୍ୟ ଜଳ ଓ ସ୍ୱଚ୍ଛତା କମିଟି ସଦସ୍ୟ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକର ବରିଷ୍ଠ

ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ କେନ୍ଦ୍ର ପାନୀୟ ଜଳ ଓ ସ୍ୱଚ୍ଛତା ବିଭାଗର ସଚିବ ଅଶୋକ ମୀନା କହିଛନ୍ତି, ପାନୀୟ ଜଳ ଯୋଗାଣ ଗ୍ରାମପଞ୍ଚାୟତର ପ୍ରମୁଖ ଦାୟିତ୍ୱ । ତେଣୁ ଗ୍ରାମପଞ୍ଚାୟତଗୁଡ଼ିକ ଏହାର ସଂପୂର୍ଣ୍ଣ ଭାର ନେବା ଆବଶ୍ୟକ । ସେ ଗ୍ରାମପଞ୍ଚାୟତଗୁଡ଼ିକୁ ଲୋକଜଳ ଉତ୍ସବ ଆୟୋଜନ କରି ଏହି ଯୋଜନାର ସମୟୋଚିତ ପରିଚାଳନା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି। ସୁଜଳ ଗ୍ରାମ ସମ୍ବାଦର ତୃତୀୟ ସଂସ୍କରଣରେ ୮ଟି ପ୍ରମୁଖ ଗ୍ରାମପଞ୍ଚାୟତ ମଧ୍ୟରେ ଗ୍ରାମାଞ୍ଚଳସ୍ତରୀୟ ଆଲୋଚନା ଉପରେ ଦୃଷ୍ଟି ଦିଆଯାଇଛି । ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି କାର୍ଯ୍ୟକ୍ରମରେ ୩ ହଜାରରୁ ଅଧିକ ପ୍ରତିନିଧି ଯୋଗ ଦେଇଛନ୍ତି ।

## ଆଇସିଏମ୍ଆର୍-ଏମ୍ଏସ୍ୟୁ ଆସାମ

ଭାରତୀୟ ଭେଷଜ ଗବେଷଣା ପରିଷଦ -ଆଇସିଏମ୍ଆର୍ ପକ୍ଷରୁ ଆସାମ ସରକାରଙ୍କୁ ଭ୍ରାମ୍ୟମାଣ ହୃଦ୍‌ଘାତ ଓ ମସ୍ତିଷ୍କାଘାତ ଚିକିତ୍ସା କେନ୍ଦ୍ର -ମୋବାଇଲ୍ ଷ୍ଟ୍ରୋକ୍ ୟୁନିଟ୍ ପ୍ରଦାନ ପରେ ଏକ୍ଷେତ୍ରରେ ସେଠାରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି। ପୂର୍ବରୁ ଏହି ରୋଗୀମାନଙ୍କୁ ଚିକିତ୍ସା ଆରମ୍ଭ ପାଇଁ ୨୪ ଘଣ୍ଟା ଲାଗୁଥବବା ବେଳେ ଏହା ଏବେ ୨ ଘଣ୍ଟାକୁ ହ୍ରାସ ପାଇଛି । ହୃଦ୍‌ଘାତ ଓ ମସ୍ତଷ୍କାଘାତ ଜନିତ ମୃତ୍ୟୁ ସଂଖ୍ୟାରେ ମଧ୍ୟ ହ୍ରାସ ପରିଲକ୍ଷିତ ହୋଇଛି। ଷ୍ଟ୍ରୋକ୍ କାରଣରୁ ପରିଲକ୍ଷିତ ହେଉଥିବା ଶାରୀରିକ ଅକ୍ଷମତା ମଧ ୮ ଗୁଣ ହ୍ରାସ ପାଇଛି । ମୋବାଇଲ୍ ଷ୍ଟ୍ରୋକ୍ ୟୁନିଟ୍ ଆସାମର ସ୍ୱାସ୍ଥ୍ୟସେବାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରିଛି ।

## ଝାଡ଼ଖଣ୍ଡ-ମାଓଇଷ୍ଟ

ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲ୍ଲାର ସରଣ୍ଡା ଜଙ୍ଗଲରେ ଆଜି ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଜିଲ୍ଲା ପୋଲିସ୍, ଝାଡ଼ଖଣ୍ଡ ଜାଗୁଆର ଏବଂ କୋବ୍ରା ପକ୍ଷରୁ ମିଳିତ ଅଭିଯାନ କରାଯାଇ ଛୋଟନାଗରା ଥାନା ଅଞ୍ଚଳରେ ମାଓବାଦୀଙ୍କ ଉପରେ ଆକ୍ରମଣ କରାଯାଇଥିଲା । ଆକ୍ରମଣ ପରେ ମାଓବାଦୀମାନେ ଜଙ୍ଗଲକୁ ପଳାଇ ଯାଇଛନ୍ତି । ମିଳିତ ବାହିନୀ ପକ୍ଷରୁ ସଂପୃକ୍ତ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି ।

## ବ୍ୟାଡମିଣ୍ଟନ

ଇଣ୍ଡୋନେସିଆ ମାଷ୍ଟର୍ସ ୨୦୨୬ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ପି.ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଛନ୍ତି । ଆଜି ପ୍ରି କ୍ୱାର୍ଟର ଫାଇନାଲରେ ପୁରୁଷ ସିଙ୍ଗିଲ୍‌ସ ବର୍ଗରେ ଲକ୍ଷ୍ୟ ସେନ ହଂକଂର ଜାସନ ଗୁନଓ୍ୱାନଙ୍କୁ ୨୧-୧୦, ୨୧-୧୧ ପଏଣ୍ଟରେ ହରାଇ ଦେଇଛନ୍ତି। ମହିଳା ସିଙ୍ଗିଲ୍‌ସ ବର୍ଗରେ ଦୁଇଥରର ଅଲମ୍ପିକ୍ ପଦକ ବିଜେତା ପି.ଭି. ସିନ୍ଧୁ ଡେନ୍‌ମାର୍କର ଲିନେ ଜାର୍‌ଫେଲ୍‌ଡଙ୍କୁ ୨୧-୧୯,୨୧-୧୮ ପଏଣ୍ଟରେ ହରାଇ ଦେଇଛନ୍ତି । କ୍ୱାର୍ଟର ଫାଇନାଲ୍‌ରେ ସିନ୍ଧୁ ବିଶ୍ୱର ଚାରିନମ୍ବର ଖେଳାଳି ଚୀନ୍ ଚେନ୍ ୟୁ ଫେଇଙ୍କୁ ଭେଟିବେ ।